ପାଠ-୬

# ଭାରତର ବୁଲ୍‌ବୁଲ୍‌

## STUDY NOTES

### ସାରକଥା:

ସରୋଜିନୀ ନାଇଡୁ ପିଲାଟି ଦିନରୁ ସୁନ୍ଦର କବିତା ରଚନା କରୁଥିଲେ। ପ୍ରକୃତିକୁ ଅନେଇ ରହନ୍ତି ଏବଂ ଗୁଣୁଗୁଣୁ ହୋଇ କ'ଣ ସବୁ ଖାତାରେ ଲେଖନ୍ତି। ଏଥିପାଇଁ ସବୁବେଳେ ତାଙ୍କ ମା' ତାଙ୍କୁ ପ୍ରୋତ୍ସାହନ ଦିଅନ୍ତି। କିନ୍ତୁ ବାପା ଚାହାନ୍ତି ସେ ପାଠ ପଢୁ, ଅଙ୍କ କଷୁ ଅନେକ ବିରୋଧ ସତ୍ତ୍ୱେ ପାଠ ପଢ଼ା ସହ ସରୋଜିନୀଙ୍କର ମନପ୍ରାଣ ଲାଗି ରହିଥିଲା କବିତା ଲେଖାରେ। ଏହା ନାରୀକବିଙ୍କର ଇଂରାଜୀ ଭାଷାରେ ଖୁବ୍ ଦକ୍ଷତା ଥିଲା। ଅନେକ ତାଙ୍କ ବିତାରେ ମୁଗ୍ଧ ହୋଇ ତାଙ୍କୁ ଡାକୁଥିଲେ ପ୍ରାଚ୍ୟ ଜଗତର କୋକିଳ। ଆଉ ମଧ୍ୟ ତାଙ୍କୁ କେହି ଭାରତର ବୁଲ୍‌ବୁଲ୍ ମଧ୍ୟ ଡାକୁଥିଲେ। ଏକ ମଧ୍ୟବିତ୍ତ ପରିବାରରେ ସେ ୧୮୭୯ ମସିହା ଫେବୃୟାରୀ ୧୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସରୋଜିନୀ ହାଇଦ୍ରାବାଦ୍‌ର ଜଣେ ଡାକ୍ତର ଗୋବିନ୍ଦ ନାଇଡୁଙ୍କୁ ବିବାହ କରିଥିଲେ। ସେ ମାତ୍ର ୧୨ ବର୍ଷ ବୟସରେ ମାଟ୍ରିକ୍ ପରୀକ୍ଷା ଦେଇ ପ୍ରଥମ ହୋଇଥିଲେ। କେବଳ କବିତା ଲେଖିବା ନୁହେଁ, ତାହା ସହ ସୁନ୍ଦର ଭାବେ ଗାନ ଓ ବକ୍ତୃତା ମଧ୍ୟ ଦେଇ ପାରୁଥିଲେ। ଦେଶର ପରାଧିନତା ତାଙ୍କ ହୃଦୟରେ ଦୁଃଖ ଆଣିଥିଲା। ତାଙ୍କର ଦେଶାତ୍ମବୋଧକ କବିତା ଓ ବକ୍ତୃତା ଦ୍ୱାରା ସମସ୍ତେ ଅନୁପ୍ରାଣିତ ହେଉଥିଲେ।

ସେ ଯେଉଁଭଳି ଲେଖୁଥିଲେ, ସେହିଭଳି ଗାନ ମଧ୍ୟ କରୁଥିଲେ। ୧୯୧୪ରେ ସେ ଗାନ୍ଧିଜୀଙ୍କୁ ଭେଟିଥିଲେ। ଗାନ୍ଧିଜୀଙ୍କ ନୀତି ଆଦର୍ଶ ତାଙ୍କୁ ପ୍ରଭାବିତ କରିଥିଲା। କବିତ୍ୱ, ଭାଷଣ ଓ ରାଜନୀତି କ୍ଷେତ୍ରରେ ମଧ୍ୟ ତାଙ୍କର ନିପୁଣତା ପ୍ରକାଶ ପାଇଥିଲା। ଦେଶ ପାଇଁ ସେ ବହୁବାର କାରାବରଣ କରିଛନ୍ତି। ସେ ଥିଲେ ଭାରତର ପ୍ରଥମ ମହିଳା ରାଜ୍ୟପାଳ। ୧୯୪୯ ମସିହା ମାର୍ଚ୍ଚ ୨ ତାରିଖରେ ୭୦ ବର୍ଷ ବୟସରେ ସେ ମୃତ୍ୟୁବରଣ କରିଥିଲେ।

### କେତୋଟି ନୂତନ ଶବ୍ଦ:

| | | | |
|---|---|---|---|
| ମଧ୍ୟବିତ୍ତ | - ଅତି ଧନୀ ନୁହଁ କି ଅତି ଗରିବ ନୁହଁ | ସ୍ପର୍ଶ | - ଛୁଇଁବା |
| ଦକ୍ଷତା | - ଧୁରନ୍ଧର | ନିପୁଣତା | - ଦକ୍ଷତା |
| ଅନୁପ୍ରାଣିତ | - ଆକୃଷ୍ଟ | ସ୍ମୃତି | - ମନେରଖିବା |
| ଅମଳିନ | - ନିର୍ମଳ | ଉଦ୍‌ବୋଧନ | - ବକ୍ତୃତା |
| ମୁଗ୍ଧ | - ଖୁସିହେବା | | |

**୧. ଆସକଥା ହେବା-**

କ) ସରୋଜିନୀ ନାଇଡୁ ପିଲାଦିନେ କ'ଣ କରିବାକୁ ଅଧିକ ଭଲ ପାଉଥିଲେ ?

ଉ: ସରୋଜିନୀ ନାଇଡୁ ପିଲାଦିନେ ପ୍ରକୃତି ଉପଭୋଗ କରିବା ସହ କବିତା ଲେଖିବାକୁ ଭଲ ପାଉଥିଲେ।

ଖ) ସରୋଜିନୀ କାହାକୁ ବିବାହ କରିଥିଲେ ?

ଉ: ସରୋଜିନୀ ନାଇଡୁ ହାଇଦ୍ରାବାଦ୍‌ର ଜଣେ ଡାକ୍ତର ଗୋବିନ୍ଦ ରାଜୁଲୁ ନାଇଡୁଙ୍କୁ ବିବାହ କରିଥିଲେ।

ଗ) କବିତା ଲେଖିବା ସହିତ ସରୋଜିନୀଙ୍କର ଆଉ କେଉଁ ବିଷୟରେ ଦକ୍ଷତା ଥିଲା ?

ଉ: କବିତା ଲେଖିବା ସହିତ ସରୋଜିନୀଙ୍କର ଆଉ ଇଂରାଜୀ ଭାଷାରେ ବେଶ୍ ଦକ୍ଷତା ଥିଲା ଓ ସେ ସୁନ୍ଦର ସ୍ୱରରେ ଗୀତ ଗାଇ ପାରୁଥିଲେ।

ଘ) ସରୋଜିନୀଙ୍କର କବିତା ଓ ବକ୍ତୃତା କାହାକୁ ଅନୁପ୍ରାଣିତ କରୁଥିଲା ?

ଉ: ସେ କାଳର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସରୋଜିନୀଙ୍କର କବିତା ଓ ବକ୍ତୃତା ଅନୁପ୍ରାଣିତ କରୁଥିଲା। ନେହେରୁ ଏବଂ ସୁଭାଷବୋଷ ମଧ୍ୟ ଅନୁପ୍ରାଣିତ ହୋଇଥିଲେ।

ଙ) କେଉଁ ମସିହାରେ ସରୋଜିନୀଙ୍କର ମୃତ୍ୟୁ ହୋଇଥିଲା ?

ଉ: ସରୋଜିନୀଙ୍କର ୧୯୪୯ ମସିହାରେ ମୃତ୍ୟୁ ହୋଇଥିଲା।

**୨. ଆସ ଉତ୍ତର ଲେଖିବା।**

କ) ପିଲାଦିନେ ସରୋଜିନୀଙ୍କୁ ତାଙ୍କ ବାପା କୋଠରୀ ଭିତରେ ବନ୍ଦ କରିଦେଇ ଥିଲେ କାହିଁକି ?

ଉ: ଅଙ୍କ କଷିବା ପାଇଁ ପିଲାଦିନେ ସରୋଜିନୀଙ୍କୁ ବାଧ୍ୟ କରି ତାଙ୍କ ବାପା କୋଠରୀ ଭିତରେ ବନ୍ଦ କରିଦେଇଥିଲେ।

ODM EDUCATIONAL GROUP Changing your Tomorrow

ଖ) ସରୋଜିନୀଙ୍କୁ ପ୍ରାଚ୍ୟ ଜଗତର କୋକିଳ ବୋଲି କୁହାଯାଉଥିଲା କାହିଁକି ?

ଉ: ସରୋଜିନୀଙ୍କୁ ପ୍ରାଚ୍ୟ ଜଗତର କୋକିଳ ବୋଲି କୁହାଯାଉଥିଲା। କାରଣ ତାଙ୍କର କଣ୍ଠସ୍ୱର ଥିଲା କୋକିଳ ଭଳି ଖୁବ୍ ମଧୁର। ତାଙ୍କ କବିତାରେ ମୁଗ୍ଧ ହୋଇ ତାଙ୍କୁ 'ପ୍ରାଚ୍ୟ ଜଗତର କୋକିଳ' ବୋଲି କୁହାଯାଉଥିଲା।

ଗ) ସରୋଜିନୀ କାହିଁକି କାରାବରଣ କରିଥିଲେ ?

ଉ: ସରୋଜିନୀ ସତ୍ୟାଗ୍ରହର ନେତୃତ୍ୱ ନେବା ପାଇଁ କାରାବରଣ କରିଥିଲେ।

ଘ) ସରୋଜିନୀଙ୍କ ଇଂରାଜୀ କବିତା ଦେଖି ତାଙ୍କ ବାପା କ'ଣ ଭାବିଥିଲେ ?

ଉ) ସରୋଜିନୀଙ୍କ ଇଂରାଜୀ କବିତାଟି ଦେଖି ତାଙ୍କ ବାପା ଭାବିଥିଲେ ଯେ, ତାଙ୍କ ଝିଅ ଭବିଷ୍ୟତରେ ନିଶ୍ଚୟ ଜଣେ ବଡ଼ କବି ହେବ।

**୩. ସରଳ ଭାଷାରେ ବୁଝାଇ ଲେଖ।**

କ) ତୁଳସୀ ଦୁଇପତ୍ରରୁ ବାସେ।

ଶଂସିତ ଗଦ୍ୟାଂଶଟି ପଠିତ ସାହିତ୍ୟବହିର 'ଭାରତର ବୁଲ୍‌ବୁଲ୍' ବିଷୟରୁ ଆସିଅଛି। ଏଠାରେ ଲେଖକ ସରୋଜିନୀ ନାଇଡୁଙ୍କ ମହତ୍ ଗୁଣ କିପରି ପିଲାଦିନରୁ ଫୁଟି ଉଠିଥିଲା, ତାହା ବର୍ଣ୍ଣନା କରିଛନ୍ତି। ଓଡ଼ିଆରେ ଏକ ପ୍ରବାଦ ଅଛି 'ତୁଳସୀ ଦୁଇପତ୍ରରୁ ବାସେ' ଓ 'ବିଛୁଆତି ଦୁଇ ପତ୍ରରୁ କୁଣ୍ଡେଇ ହୁଏ'। ଅର୍ଥାତ୍ କୌଣସି ଲୋକର ଭଲ ବା ମନ୍ଦଗୁଣ ତା'ର ପିଲାଦିନରୁ ହିଁ ଜଣାପଡ଼ିଥାଏ। ସରୋଜିନୀ ନାଇଡୁ ଜଣେ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ। ତାଙ୍କର କବି ପ୍ରତିଭା ତାଙ୍କ ପିଲାଦିନରୁ ହିଁ ଜଣାପଡ଼ିଥିଲା। ସରୋଜିନୀ ଯେ ଜଣେ ବିଖ୍ୟାତ କବି ହେବେ ଏକଥା ତାଙ୍କ ପିତା ଲକ୍ଷ୍ୟ କରିଥିଲେ।

ଖ) ସେ ଥିଲେ ପ୍ରାଚ୍ୟ ଜଗତର କୋକିଳ।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ସାହିତ୍ୟ ପୁସ୍ତକର 'ଭାରତର ବୁଲ୍‌ବୁଲ୍' ବିଷୟରୁ ଉଦ୍ଧୃତ। ଏଠାରେ ଲେଖକ ଭଗବାନ ମହାନ୍ତି ସରୋଜିନୀ ନାଇଡୁଙ୍କୁ ପ୍ରାଚ୍ୟ ଜଗତର କୋକିଳ କହିବାର ଯଥାର୍ଥତା ଉପରେ ଆଲୋକପାତ କରିଛନ୍ତି। ପ୍ରଖ୍ୟାତ୍ ନାରୀକବି ସରୋଜିନୀ ନାଇଡୁ ପିଲାଦିନୁ କବିତା ଲେଖିବାକୁ ଭଲ ପାଉଥିଲେ। କି ଦିନ କି ରାତି ସେ ଏକୁଟିଆ ବସି ମନେ ମନେ କ'ଣ ଗୁଣୁଗୁଣୁ ହୋଇ ଖାତାରେ ଲେଖି ପକାଉଥିଲେ। ତାଙ୍କର ଏହି କବିତା ଲେଖା ତାଙ୍କୁ ଜଣେ କବି ଭାବରେ ପରିଚିତ କରାଇଲା। ସେ କେବଳ କବିତା ଲେଖୁନଥିଲେ, ତାଙ୍କର ମଧୁର କଣ୍ଠସ୍ୱର କୋକିଳ ସ୍ୱର ଭଳି ଖୁବ୍ ମଧୁର ଥିଲା। ପ୍ରକୃତରେ ସେ ଥିଲେ ପ୍ରାଚ୍ୟ ଜଗତର କୋକିଳ।

ଗ) ସେ ପ୍ରକୃତରେ ଥିଲେ ହୀରାଟିଏ।

ସେ ................. ହୀରାଟିଏ।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ସାହିତ୍ୟ ପୁସ୍ତକର 'ଭାରତର ବୁଲ୍‌ବୁଲ୍' ବିଷୟରୁ ଉଦ୍ଧୃତ। ଏଠାରେ ଲେଖକ ଭଗବାନ ମହାନ୍ତି ସରୋଜିନୀ ନାଇଡୁଙ୍କୁ ହୀରାଟିଏ କହିବାର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ସରୋଜିନୀ ନାଇଡୁ ଜଣେ ପ୍ରଖ୍ୟାତ ନାରୀକବି ଥିଲେ। ତାଙ୍କର କବିତା ଲେଖିବା ଓ ଗାଇବାରେ ଦକ୍ଷତା ଥିଲା। ସେ ନିଜର କବିତା ଦ୍ୱାରା ସମସ୍ତଙ୍କୁ ଆକୃଷ୍ଟ କରିପାରୁଥିଲେ। ତାଙ୍କ କଣ୍ଠସ୍ୱର କୋକିଳର ସ୍ୱର ଭଳି ଖୁବ୍ ମଧୁର ଥିବାରୁ ତାଙ୍କୁ ପ୍ରାଚ୍ୟ ଜଗତର କୋକିଳ ବା ଭାରତର ବୁଲ୍‌ବୁଲ୍ ବୋଲି କୁହାଯାଉଥିଲା। ତେବେ ତାଙ୍କର କବିତ୍ୱ ଓ ରାଜନୀତିକ ଦକ୍ଷତା ଦେଖିଲେ ଏହା ସହଜରେ କୁହାଯିବ ଯେ ସେ ପ୍ରକୃତରେ ଥିଲେ ହୀରାଟିଏ।

ODM EDUCATIONAL GROUP Changing your Tomorrow

**୪. ଆସ ତଳେ ଥିବା ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟଗଠନ କରିବା ।**

ଉତ୍ସାହ - ବନ ମହୋତ୍ସବରେ ଆମେ ସମସ୍ତେ ଉତ୍ସାହର ସହ ଗଛ ଲଗାଇଲୁ ।

ସ୍ମୃତି - ଭାରତବାସୀଙ୍କ ହୃଦୟରେ ଗାନ୍ଧିଜୀଙ୍କ ସ୍ମୃତି ଚିରଦିନ ଅମଳିନ ରହିବ ।

ପ୍ରତିଭା - ତାଙ୍କର କବି ପ୍ରତିଭା ସମସ୍ତଙ୍କ ହୃଦୟକୁ ମୁଗ୍ଧ କରୁଥିଲା ।

ଅମଳିନ - ମହାପୁରୁଷମାନଙ୍କ ତ୍ୟାଗ ଆମମାନଙ୍କ ହୃଦୟରେ ଅମଳିନ ରହିଛି ।

କର୍ତ୍ତବ୍ୟ - ବାପାମାଆଙ୍କ ଉପଦେଶକୁ କର୍ତ୍ତବ୍ୟ ସହ ପାଳନ କରିବା ଉଚିତ୍ ।

**୫. 'ଦକ୍ଷ'ରୁ ଯେପରି 'ଦକ୍ଷତା' ହୁଏ, ସେହିପରି ତଳ ଶବ୍ଦଗୁଡ଼ିକର ନୂଆ ରୂପ କ'ଣ ହେବ ତା' ପାଖରେ ଲେଖିବା ।**

ସରଳ - ସରଳତା

ଲୋକପ୍ରିୟ - ଲୋକପ୍ରିୟତା

ସୁନ୍ଦର - ସୁନ୍ଦରତା

ଜଟିଳ - ଜଟିଳତା

**୬. 'ସରୋଜିନୀ' ଜଣେ ଝିଅର ନାମକୁ ବୁଝାଉଛି । 'ଭାରତ' ଏକ ଦେଶକୁ ବୁଝାଉଛି । ସେହିପରି ଏହି ପାଠରୁ ୫ଗୋଟି ନାମ ଲେଖିବା ।**

ଅଘୋରନାଥ ବରଦାସୁନ୍ଦରୀ ଗୋବିନ୍ଦ ରାଜୁଲୁ

ଇଂଲଣ୍ଡ ସୁଭାଷଚନ୍ଦ୍ର

**୭. ଆସ ଯୋଡ଼ା ଶବ୍ଦ ଲେଖିବା ।**

ହିସାବ କିତାବ ଧାଁ ଧପଡ଼

ମଉଜ ମଜଲିସ୍ ତାଟି କବାଟ

ଦେଶ ଦୁନିଆ ଛିନ୍‌ଛତର

**୮. ବନାନ୍ ଠିକ୍ ଥିବା ଶବ୍ଦଟିକୁ ତଳ କୋଠରୀରେ ଲେଖିବା ।**

ସାହାଯ୍ୟ ଅଧିବେଶନ

ପ୍ରଶଂସା ସରୋଜିନୀ

**୯. ନିମ୍ନ ଉତ୍ତରଗୁଡ଼ିକ ପାଇବା ପାଇଁ ଗୋଟିଏ ଗୋଟିଏ ପ୍ରଶ୍ନ ତିଆରି କରିବା ।**

କ) ସରୋଜିନୀଙ୍କ ପିତାଙ୍କ ନାମ କ'ଣ ଥିଲା ?

ଖ) ଝିଅଟି ଅଙ୍କ ନ କଷି କ'ଣ କଲା ?

ଗ) କବିତାଟି କେଉଁ ଭାଷାରେ ଲେଖା ହୋଇଥିଲା ?

ଘ) ୧୯୧୪ ମସିହାରେ ପ୍ରଥମଥର ପାଇଁ ସରୋଜିନୀ କାହାକୁ ଭେଟିଥିଲେ ?

ଙ) ଭାରତ ସ୍ୱାଧୀନ ହେଲାପରେ ସରୋଜିନୀ ଉତ୍ତରପ୍ରଦେଶର କ'ଣ ହେଲେ ?

**୧୦. 'ଗଲେ' କୁ ଯେପରି 'ଗମନ କଲେ' ବୋଲି ଆମେ ଲେଖୁଛେ ସେହିପରି ତଳଶବ୍ଦଗୁଡ଼ିକୁ କ'ଣ ଲେଖିବା ।**

ଦେଖିଲେ - ଦର୍ଶନ କଲେ        ଶୋଇଲେ - ଶୟନ କଲେ

ଶୁଣିଲେ - ଶ୍ରବଣ କଲେ        କାଟିଲେ - କର୍ତ୍ତନ କଲେ

**୧୧. ମୁଁ ଗଲି ।        ତୁମେ ଗଲ ।        ସେ ଗଲା ।**

**ସେହିପରି କ'ଣ ହେବ ।**

ମୁଁ ଖାଇଲି ।        ତୁମେ **ଖାଇଲ** ।        ସେ **ଖାଇଲା** ।

ମୁଁ ବସିଲି ।        ତୁମେ **ବସିଲ** ।        ସେ **ବସିଲା** ।

ମୁଁ ଲେଖିଲି ।        ତୁମେ **ଲେଖିଲ** ।        ସେ **ଲେଖିଲା** ।

ODM EDUCATIONAL GROUP Changing your Tomorrow

♦♦♦